# ରେଚନ

# (EXCRETION)

ଚତୁର୍ଥ ଅଧ୍ୟାୟ – **PART-I**

ପ୍ରାଣୀରେ ରେଚନ ଓ ମଣିଷର ରେଚନ ତନ୍ତ୍ର

# EXCRETION(ରେଚନ) ଓ EGESTION(ମଳତ୍ୟାଗ) ର ପାର୍ଥକ୍ୟ



Egestion



Excretion

- **Part-1**
  - ପ୍ରାଣୀରେ ରେଚନ
  - ମଣିଷର ରେଚନ ତନ୍ତ୍ର
    - ବୃକକ
    - ବୃକକର ଗଠନ

- **Part-2**
  - ମଣିଷର ରେଚନ ତନ୍ତ୍ର
    - ଗ୍ଲୋମେରୁଲସ୍ ର କାର୍ଯ୍ୟ
    - ବୃକକ ର ଅନ୍ୟ କାର୍ଯ୍ୟ
  - ଶରୀରର ଅନ୍ୟ ରେଚନ ଅଙ୍ଗ
  - ଉଦ୍ଭିଦରେ ରେଚନ

# ରେଚନ (EXCRETION)

- ରେଚନ କଣ ?
  - ଶରୀରରୁ କ୍ଷତିକାରକ **ବର୍ଜ୍ୟବସ୍ତୁ** ନିଷ୍କାସନ ପ୍ରକ୍ରିୟାକୁ ରେଚନ କୁହାଯାଏ ଏବଂ ଏହି ପ୍ରକ୍ରିୟାରେ ଶରୀରରେ ଜଳ ଓ ଧାତବ ଲବଣ ର ସନ୍ତୁଳନ ବଜାୟ ରହେ
    - Ex. ଅଙ୍ଗାରକାମ୍ଳ, ଜଳ, ଲବଣ ଓ **ନାଇଟ୍ରୋଜେନସ୍ ବର୍ଜ୍ୟବସ୍ତୁ** -ୟୁରିଆ, ଏମୋନିଆ, ୟୁରିକ ଏସିଡ
  - ଏହି ସବୁ ବର୍ଜ୍ୟବସ୍ତୁ ଶରୀରରେ ଚୟାପଚୟ ପ୍ରକ୍ରିୟାରୁ (Metabolism Process) ଜାତ ହୁଏ

- ଶରୀରରୁ ଏମୋନିଆ ନିଷ୍କାସନ
  - ପୁଷ୍ଟିସାରର ଚୟାପଚୟ ଫଳରେ ଏମୋନିଆ ନିର୍ଗତ ହୁଏ.
  - ଏମୋନିଆ ଏକ ଗ୍ୟାସୀୟ ପଦାର୍ଥ. ଏହା ଜଳରେ ଦ୍ରବଣୀୟ. ଦ୍ରବୀଭୂତ ଏମୋନିଆ ଶରୀର ପାଇଁ କ୍ଷତିକାରକ
  - **ଜଳଚର ପ୍ରାଣୀଙ୍କର ନିଷ୍କାସନ**
    - ସେମାନେ ବିସରଣ ପ୍ରକ୍ରିୟାରେ ସିଧାସଳଖ ଜଳୀୟ ପରିବେଶକୁ ଏମୋନିଆ ନିର୍ଗତ କରିଥାନ୍ତି
  - **ସ୍ଥଳଚର ପ୍ରାଣୀଙ୍କର ନିଷ୍କାସନ**
    - ଏମାନେ ଶରୀରରୁ ଜାତ ହେଉଥିବା ଏମୋନିଆକୁ ୟୁରିଆ (Urea) ବା ୟୁରିକ ଏସିଡ୍ (Uric Acid) ରେ ପରିଣତ କରି ଶରୀରରୁ ନିର୍ଗତ କରନ୍ତି

# ପ୍ରାଣୀରେ ରେଚନ

ପ୍ରାଣୀରେ ରେଚନ

| | |
|---|---|
| ଏମିବା (ଏକକୋଷୀ ପ୍ରାଣୀ) | ପ୍ଲାଜମା ଝିଲ୍ଲୀ, ସଂକୋଚିକିଧାନୀ (Contractile vacuole) |
| ସ୍ପଞ୍ଜ, ହାଇଡ୍ରା | ନିର୍ଦ୍ଦିଷ୍ଟ ରେଚନ ଅଙ୍ଗ ନାହିଁ |
| ଚେପଟା କୃମି | ଶିଖା କୋଷ (Flame Cells) |
| ଜିଆ, ଜୋକ | ନେଫ୍ରିଡିଆ (Nephridia) |
| ଝିଣ୍ଟିକା | ମାଲପିଝିଆନ୍ ନଳିକା (Malpighian tubules) |
| ମେରୁଦଣ୍ଡୀ ପ୍ରାଣୀ | ସ୍ବତନ୍ତ୍ର ରେଚନ ଅଙ୍ଗ – ବୃକକ, ଚର୍ମ ପ୍ରଧାନ |

# ମଣିଷ ଶରୀରରେ ରେଚନର ଅଙ୍ଗ

- ରେଚନ ଅଙ୍ଗ
  - ଫୁସଫୁସ (ଅଙ୍ଗାରକାମ୍ଳ ଓ ଜଳ)
  - ଚର୍ମ (ଜଳ, ଲବଣ ଓ କିଛି ୟୁରିଆ)
  - ଯକୃତ (ଏମୋନିଆ)
  - ବୃକକ (ୟୁରିଆ)

# ମଣିଷର ରେଚନ ତନ୍ତ୍ର

- **ବୃକକ (Kidney)** – ବୃକକ ରେ ମୂତ୍ର ତିଆରି ହୁଏ
- **ମୂତ୍ରସାରଣୀ (Ureter)-** ଏହା ଦେଇ ବୃକକ ରୁ ମୂତ୍ର ମୂତ୍ରାଶୟକୁ ଆସେ
- **ମୂତ୍ରାଶୟ (Urinary bladder)** – ମୂତ୍ର ସଞ୍ଚିତ ହୋଇ ରହେ
- **ମୂତ୍ରମାର୍ଗ (Urethra)** – ପରିସ୍ରା କଲାବେଳେ ମୂତ୍ରାଶୟରେ ସଞ୍ଚିତ ହୋଇଥିବା ମୂତ୍ର ମୂତ୍ରମାର୍ଗ ଦେଇ ନିଷ୍କାସିତ ହୋଇଥାଏ



# ବୃକକ (KIDNEY)

- **ବୃକକ ର ଅବସ୍ଥାନ**: ମଧ୍ୟଛଦ୍ଧାର ଠିକ ତଳକୁ , ଉଦର ଗହ୍ବର ଭିତରେ , ମେରୁଦଣ୍ଡର ଉଭୟ ପାର୍ଶ୍ୱରେ 2 ଟି ବୃକକ ରହିଛି

- **ଆକୃତି** – ଶିମ୍ବ ମଞ୍ଜି ପରି

- **ଲମ୍ବ** – 10 ରୁ 12 ସେ.ମି. , **ପ୍ରସ୍ଥ** – 5 ରୁ 7 ସେ.ମି. , **ମୋଟେଇ** – 3 ସେ. ମି.

- **ହାଇଲମ୍ (Hilum)** – ବୃକକର ଭିତର ପାଖରେ ଥିବା ଖାଲୁଆ ସ୍ଥାନଟିକୁ ହାଇଲମ୍ କୁହାଯାଏ
  - ହାଇଲମ୍ ମଧ୍ୟ ଦେଇ ବୃକକୀୟ ଶିରା, ଧମନୀ ଓ ମୂତ୍ରସାରଣୀ ବୃକକ ସହିତ ସଂଯୁକ୍ତ ହୋଇଥାଏ



# ବୃକକ ର ଗଠନ

- **Nephron (ନେଫ୍ରନ୍),/ସୂକ୍ଷ୍ମ ବୃକକୀୟ ନଳିକା(Renal tubules)/ ମୂତ୍ରଜନ ନଳିକା(Uriniferous tubules)**
  - ପ୍ରତ୍ୟେକ କିଡନୀ ଲକ୍ଷ ଲକ୍ଷ ୟୁନିଟ୍ ଦ୍ୱାରା ଗଠିତ, ଏହାକୁ ନେଫ୍ରନ୍ କୁହାଯାଏ
  - ବୃକକ୍ ର ପ୍ରତ୍ୟେକ ଗଠନମୂଳକ (structural) ଏବଂ କାର୍ଯ୍ୟକ୍ଷମ (Functional) ଏକକକୁ (Unit) ନେଫ୍ରନ୍ କୁହାଯାଏ
  - ପ୍ରତ୍ୟେକ ବୃକକ ଭିତରେ ରହିଛି 10 ଲକ୍ଷରୁ ଅଧିକ ଅତି ସୂକ୍ଷ୍ମ ନେଫ୍ରନ

- **ବାଓମ୍ୟାନ୍ସ କ୍ୟାପସୁଲ(Bowmans Capsule)**
  - ନେଫ୍ରନ୍ ର ଗୋଟିଏ ପାର୍ଶ୍ୱ କପ୍ ବା ଗିନା ଆକୃତିର
  - ଏହା ବୃକକର ବାହାରପଟକୁ ମୁହେଇ ଥାଏ
  - ଏହାକୁ William Bowman ଙ୍କ ନାମରେ ନାମିତ କରାଯାଇଛି




ନେଫ୍ରନ୍

Mileshead Academy

# ବୃକକ ର ଗଠନ

- ଏଫରେଣ୍ଟ ଉପଧମନୀ **(Afferent arteriole)**
  - ବୃକକୀୟ ଧମନୀର ଗୋଟିଏ ଲେଖାଏ ସୂକ୍ଷ୍ମ ଶାଖା ପ୍ରତି ନେଫ୍ରନ୍ ସହ ସଂଯୁକ୍ତ ହୋଇ ରହିଛି ଏହାକୁ ଅନ୍ତର୍ବାହୀ ଉପଧମନୀ କୁହାଯାଏ
  - ଏହା ଗ୍ଲୋମେରୁଲସ୍ ପାଖକୁ ରକ୍ତ ଆଣିଥାଏ
- କୈଶିକନଳୀ
  - ଏଫରେଣ୍ଟ ଉପଧମନୀ ନେଫ୍ରନ୍ ଭିତରେ ପ୍ରବେଶ କରି ଅନେକ ଅତି ସୂକ୍ଷ୍ମ ଶାଖାପ୍ରଶାଖା ବା କୈଶିକନଳୀରେ ପରିଣତ ହୁଏ
  - କୈଶିକନଳୀର ପ୍ରାଚୀର ଖୁବ ପତଳା
- ଇଫରେଣ୍ଟ ଉପଧମନୀ **(Efferent arteriole)**
  - ଏସବୁ କୈଶିକନଳୀ ପରସ୍ପର ସହ ପୁଣି ମିଶିଯିବା ଦ୍ୱାରା ଇଫରେଣ୍ଟ ଉପଧମନୀ ଜାତ ହୁଏ
  - ଏହା ଗ୍ଲୋମେରୁଲସ୍ ଠାରୁ ରକ୍ତ ଦୂରକୁ ନେଇଥାଏ
- ଗ୍ଲୋମେରୁଲସ୍ / କୈଶିକଗୁଚ୍ଛ **(Glomerulus)**
  - ଦୁଇଟି ଉପଧମନୀ ସହ ସଂଶ୍ଳିଷ୍ଟ କୈଶିକନଳୀର ଏହି ଗୁଚ୍ଛକୁ କୈଶିକଗୁଚ୍ଛ ବା ଗ୍ଲୋମେରୁଲସ କୁହାଯାଏ
  - Bowmans Capsule ର କପ୍ ରେ ଏହା ଯୋଖି ହୋଇ ରହିଥାଏ
  - ରକ୍ତ ଅନ୍ତର୍ବାହୀ ଉପଧମନୀ ଦେଇ କୈଶିକଗୁଚ୍ଛରେ ପ୍ରବେଶ କରେ ଏବଂ ବହିର୍ବାହୀ ଉପଧମନୀ ଦେଇ ଗୁଚ୍ଛ ବାହାରକୁ ଯାଇଥାଏ
  - ଏହା ରକ୍ତଛଣା ର କାର୍ଯ୍ୟ କରେ




ନେଫ୍ରନ୍

# ବୃକକ ର ଗଠନ

- ମାଲପିଝିଆନ୍ ପିଣ୍ଡ/ ରିନାଲ୍ କର୍ପସଲ୍ **(Malpighian body or Renal corpuscle)**
  - ଗ୍ଲୋମେରୁଲସ୍ ଓ ବାଓମ୍ୟାନ୍ସ କ୍ୟାପସୁଲ (Bowmans ମିଶି ଏହା ଗଠନ କରନ୍ତି
  - ଏହା Marcelo Malpighii ଙ୍କ ନାମରେ ନାମିତ

- ମୂତ୍ର ସଂଗ୍ରହନଳିକା **(Collecting Tube)**
  - ନେଫ୍ରନ ର କେତେକ ଅଂଶ (ବାଓମ୍ୟାନ୍ସ କ୍ୟାପସୁଲ ବ୍ୟତୀତ) ବୃକକ ଭିତରେ ଗୁଡ଼େଇ ରହି ଶେଷ ମୁଣ୍ଡଟି ମୂତ୍ର ସଂଗ୍ରହ ନଳିକା ମଧ୍ୟରେ ପଶିଥାଏ

- ଗବିଣୀ ବସ୍ତି **(Pelvis of ureter)**
  - ମୂତ୍ର ସଂଗ୍ରହ ନଳିକାଗୁଡିକ ଏକାଠି ହୋଇ ବୃକକ ଭିତରେ ଥିବା ଏକ ଗହ୍ୱର ଭିତରକୁ ଖୋଲିଥାନ୍ତି ଏହାକୁ ଗବିଣୀ ବସ୍ତି କୁହାଯାଏ




ନେଫ୍ରନ୍

# ରେଚନ

## (EXCRETION)

### ଚତୁର୍ଥ ଅଧ୍ୟାୟ – PART 2

### ମଣିଷର ରେଚନ ତନ୍ତ୍ର ଓ ଉଦ୍ଭିଦରେ ରେଚନ

# ଗ୍ଲୋମେରୁଲସ୍ ର କାର୍ଯ୍ୟ / URINE କିପରି ତିଆରି ହୁଏ

- ***ରକ୍ତଛଣା କାର୍ଯ୍ୟ* (Filtration) - *ପରିସ୍ରବଣ***
  - ରକ୍ତରେ ଥିବା ରକ୍ତ କଣିକା ଓ କିଛି ବଡ ଅଣୁବିଶିଷ୍ଟ ପ୍ରୋଟିନ୍ ଛାଣି ହୋଇପାରେ ନାହିଁ
  - ଏହା ବ୍ୟତୀତ ଅନ୍ୟ ସମସ୍ତ ଉପାଦାନ (ଜଳ, ଗ୍ଲୁକୋଜ୍, ଏମିନୋ ଏସିଡ୍, ୟୁରିଆ, ୟୁରିକ ଏସିଡ୍, କ୍ରିଏଟିନିନ୍, ସୋଡିୟମ, ପୋଟାସିୟମ, କ୍ଲୋରାଇଡ୍) ଛାଣି ହୋଇ ବୃକକୀୟ ନଳିକା ଭିତରକୁ ଆସିଥାଏ
- ***ପୁନଃଶୋଷଣ* (Reabsorption)**
  - ଗ୍ଲୁକୋଜ୍, ଏମିନୋ ଏସିଡ୍ ଭଳି ଉପାଦାନ ଆମ ଶରୀର ପାଇଁ ଉପଯୋଗୀ ହୋଇଥିବାରୁ ଏହା ନିଷ୍କାସିତ ନହୋଇ ବୃକକୀୟ ନଳିକାକୁ ଘେରି ରହିଥିବା କୈଶିକ ରକ୍ତନଳୀକୁ ପୁନଃଶୋଷିତ ହୋଇଥାଏ
  - ତେଣୁ ଏହି ପ୍ରକ୍ରିୟାରେ ଦରକାରୀ ଉପାଦାନ ରକ୍ତକୁ ଆଉଥରେ ଫେରିଆସେ
  - କୈଶିକ ରକ୍ତନଳୀ ମିଶି ବୃକକୀୟ ଶିରା ରେ ପରିଣତ ହୁଅନ୍ତି



# ବୃକକର ଅନ୍ୟ କାର୍ଯ୍ୟ

- ଶରୀରରେ **ଜଳ ଓ ଧାତବ ଲବଣ** ପରିମାଣର ନିୟନ୍ତ୍ରଣ
- **ରକ୍ତର ଅମ୍ଳ ଓ କ୍ଷାରୀୟ ମାତ୍ରା** ନିୟନ୍ତ୍ରଣ କରୁଥିବା ପଦାର୍ଥମାନଙ୍କ ସନ୍ତୁଳନ ରକ୍ଷା କରିବା
- ଶରୀରର **ରକ୍ତଚାପ** ନିୟନ୍ତ୍ରଣ
- ଏରିଥ୍ରୋପୋଇଟିନ୍ (Erythropoietin) ନାମକ ହରମୋନ୍ କ୍ଷରଣ କରି **ଲୋହିତ ରକ୍ତ କଣିକା** ତିଆରି କରିବାରେ ସାହାଯ୍ୟ କରେ
- ତାହା ଛଡା ପରିସ୍ରବଣ (Filtration), ପୁନଃଶୋଷଣ (Reabsorption), କ୍ଷରଣ (Secretion) ଏବଂ ନିଷ୍କାସନ (Excretion)– ଏହି 4 ଟି ପ୍ରକ୍ରିୟା ଦ୍ୱାରା ବୃକକ ଶରୀରର ଅନ୍ତଃପରିବେଶରେ ସନ୍ତୁଳନ ବଜାୟ ରଖିଥାଏ

# ଗ୍ଲୋମେରୁଲସ୍ ର କାର୍ଯ୍ୟ

- ***କ୍ଷରଣ* (Secretion)**
  - ବୃକକ ନଳିକା (PCT, Henle's Loop, DCT) ବିଭିନ୍ନ ions କ୍ଷରଣ କରିଥାନ୍ତି ଯାହା ମୂତ୍ର ଭିତରକୁ ଯାଇଥାଏ ଓ ମୂତ୍ରର ଥିବା ଲବଣର ପରିମାଣ କୁ ସଂତୁଳନ କରିଥାନ୍ତି
- ***ନିଷ୍କାସନ* (Excretion)**
  - ମୂତ୍ରରେ ନିଷ୍କାସିତ ହେଉଥିବା ପଦାର୍ଥମାନଙ୍କ ଭିତରେ **ଜଳ, ୟୁରିଆ, ଅଳ୍ପ ପରିମାଣର ୟୁରିକ ଏସିଡ, କ୍ରିଏଟିନିନ, ବିଭିନ୍ନ ଲବଣ, ସୋଡିୟମ କ୍ଲୋରାଇଡ, ପୋଟାସିୟମ କ୍ଲୋରାଇଡ** ଆଦି ପ୍ରଧାନ
  - ମୂତ୍ରରେ ୟୁରୋକ୍ରୋମ (Urochrome) ନାମକ ବର୍ଣ୍ଣକଣା ଥିବା ହେତୁ ଜଣେ ସୁସ୍ଥ ବ୍ୟକ୍ତିର ପରିସ୍ରାର ରଙ୍ଗ ଈଷତ୍ ହଳଦିଆ
- ସୁସ୍ଥ ଲୋକର ମୂତ୍ରରେ ଗ୍ଲୁକୋଜ୍, ପ୍ରୋଟିନ ଓ କୌଣସି ରକ୍ତକଣିକା ନଥାଏ
- ମୂତ୍ରରେ ଏଭଳି କୌଣସି ଉପାଦାନ ଥିଲେ ଅଥବା ମୂତ୍ରର ବର୍ଣ୍ଣରେ ପରିବର୍ତ୍ତନ ଦେଖାଗଲେ ତାହା ରୋଗର ସୂଚନା ଦିଏ



# ଶରୀରର ଅନ୍ୟ ରେଚନ ଅଙ୍ଗ

- ରେଚନ ଅଙ୍ଗ
  - ଫୁସଫୁସ (ଅଙ୍ଗାରକାମ୍ଳ ଓ ଜଳ)
  - ଚର୍ମ (ସ୍ୱେଦଗ୍ରନ୍ଥି) (ଜଳ, ଲବଣ ଓ କିଛି ୟୁରିଆ)
  - ଯକୃତ (ଏମୋନିଆ)
  - ବୃକକ (ୟୁରିଆ)

# ଉଦ୍ଭିଦରେ ରେଚନ

- **ଉଦ୍ଭିଦରେ ସ୍ୱତନ୍ତ୍ର ରେଚନ ଅଙ୍ଗ ନଥାଏ**
  - ଚୟାପଚୟ ପ୍ରକ୍ରିୟାରେ ଯେଉଁ ବର୍ଜ୍ୟବସ୍ତୁ ବାହାରେ ତାହା ଉଦ୍ଭିଦର କେତେକ ବିଶେଷ ଅଂଶରେ ଗଚ୍ଛିତ ହୋଇ ରହେ
    - Ex. – ଖଇର ବା ଟାନିନ୍ (Tanin), ଝୁଣା ବା ରେଜିନ୍ (Resin), ଅଠା (Gum), କ୍ଷୀର (Latex)
    - ତେନ୍ତୁଳି ଓ ଲେମ୍ବୁରେ ଥିବା ଅମ୍ଳ (ଟାର୍ଟରିକ ଅମ୍ଳ ଓ ସାଇଟ୍ରିକ ଅମ୍ଳ) ଏବଂ ସିନକୋନା ଗଛରେ ଥିବା କୁଇନାଇନ୍ ଓ ତମାଖୁ ପତ୍ରରେ ଥିବା ନିକୋଟିନ ପରି ଉପକ୍ଷାର (Alkaloid) ମଧ୍ୟ ଏହିପରି କିଛି ଉତ୍ପାଦ .ଏଗୁଡ଼ିକ ଆମ ଉପକାରରେ ଆସେ
  - ଏହି ଅଦରକାରୀ ପଦାର୍ଥ ଯୋଗୁଁ ଉଦ୍ଭିଦର କ୍ଷତି ହୋଇ ନଥାଏ , ସୁତରାଂ ସ୍ୱତନ୍ତ୍ର ରେଚନ ଅଙ୍ଗ ରହିବା ଆବଶ୍ୟକ ନାହିଁ

- ଉଦ୍ଭିଦରେ **ଷ୍ଟୋମାଟା** ଶ୍ୱାସକ୍ରିୟା ସମ୍ପାଦନ କରିବା ସହିତ ଏକ ରେଚନ ଅଙ୍ଗ ଭଳି କାମ କରିଥାଏ

- ଉଦ୍ଭିଦମାନେ ବର୍ଜ୍ୟବସ୍ତୁରୁ ମୁକ୍ତ ରହିବା ପାଇଁ **ବିଭିନ୍ନ ଉପାୟ** ଅବଲମ୍ବନ କରିଥାନ୍ତି
  - ଉଦ୍ଭିଦ ଶରୀରରେ ଥିବା ବଳକା ପାଣି **Transpiration** ପ୍ରକ୍ରିୟାରେ ବାହାରି ଯାଇଥାଏ
  - ଅନେକ ଉଦ୍ଭିଦରେ ବର୍ଜ୍ୟବସ୍ତୁ ଗୁଡ଼ିକ **କୋଷମଧ୍ୟସ୍ଥ ରସାଧାନୀରେ** ସଂଗୃହୀତ ହୋଇଥାଏ
  - ସ୍ଥଳବିଶେଷରେ ସେଗୁଡ଼ିକ ମଧ୍ୟ **ପତ୍ରରେ** ସଂଗୃହୀତ ହୁଏ ଓ ପରେ ବର୍ଜ୍ୟବସ୍ତୁଭରା ପତ୍ର ଶୁଖି ଝଡ଼ିପଡ଼େ
  - ରେଜିନ୍ ଓ ଟାନିନ୍ ପରି ବର୍ଜ୍ୟବସ୍ତୁ ଗୁଡ଼ିକ ପରିପକ୍ୱ ଜାଇଲେମ୍ ରେ ମଧ୍ୟ ସଂଗୃହୀତ ହୋଇଥାଏ

# ଧନ୍ୟବାଦ